


## ଟିଜି-ଫେମ୍ ଶୃଙ୍ଖଳା

(ଲକ୍ଷ୍ୟ ସମୂହ - ଆର୍ଥିକ ସଚେତନତା ସନ୍ଦେଶ)



# ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଆର୍ଥିକ ସାକ୍ଷରତା

# Self Help Groups

ଆର୍ଥିକ ଅର୍ନ୍ତଭୁକ୍ତି କରଣ ଓ ବିକାଶ ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ୍

**ସନ୍ଦେଶ ୧**

ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ସଞ୍ଚୟ ଖାତା ନିମନ୍ତେ KYC

**ସନ୍ଦେଶ ୨**

ମାର୍ଜିନ ଓ ପ୍ରତିଭୂତି ମାନଦଣ୍ଡ

**ସନ୍ଦେଶ ୩**

ସ୍ୱୈଚ୍ଛିକ ସଞ୍ଚୟ

**ସନ୍ଦେଶ ୪**

SHG ମାନଙ୍କର ଉତ୍କୃଷ୍ଟ ଭାଗ-୧

**ସନ୍ଦେଶ ୫**

SHG ମାନଙ୍କର ଉତ୍କୃଷ୍ଟ ଭାଗ-୨



# ସ୍ୱୟଂ ସହାୟକ ଗୋଷ୍ଠୀ


SHG
ସଞ୍ଚୟ ଖାତା ପାଇଁ
ଆବଶ୍ୟକୀୟ KYC
ମାର୍ଜିନ ଓ
ପ୍ରତିଭୂତି ମାନଦଣ୍ଡ
ସ୍ୱେଚ୍ଛିକ ସଞ୍ଚୟ
SHG ମାନଙ୍କର ଆଦର୍ଶ
ନିୟମାବଳୀ ଭାଗ – ୨
ନିୟମିତ ପୈଠ ଓ
ବହିଖାତା ରଖିବା ।
SHG ମାନଙ୍କର ଆଦର୍ଶ
ନିୟମାବଳୀ ଭାଗ – ୧
ସମୟାନୁସାରୀ ନିୟମିତ
ବୈଠକ, ନିୟମିତ ସଞ୍ଚୟ ଓ
ନିୟମିତ ଆନ୍ତରିକ ରଣ ।

## ସନ୍ଦେଶ - ୧ : KYC (ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ) - SHG ସଞ୍ଚୟ ଖାତା ପାଇଁ ଆବଶ୍ୟକୀୟ KYC


ମନେକର ଆପଣ ସଞ୍ଚୟ ଓ ଋଣ ଗତିବିଧିରେ ସାମିଲ୍ ହେବାପାଇଁ ୧୦ ରୁ ୧୫ ଜଣ ଲୋକଙ୍କ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଛନ୍ତି । ବର୍ତ୍ତମାନ ଏହି SHG ମାନଙ୍କ ପାଇଁ ଏକ ସଞ୍ଚୟ ଖାତା ବ୍ୟାଙ୍କରେ ଖୋଲିବାକୁ ଚାହାନ୍ତି ।

### ସ୍ୱୟଂ ସହାୟକ ଗୋଷ୍ଠୀ

### ଏକତ୍ର ଆସିବାର ଉଦ୍ଦେଶ୍ୟ : SHG ପାଇଁ ସଞ୍ଚୟ ଓ ଋଣର ସୁବିଧା




### ପଦାଧିକାରୀ
### (ବ୍ୟାଙ୍କ୍ ଖାତା ଖୋଲିବା ପାଇଁ ଯାଞ୍ଚ ସୂଚି)



ସମସ୍ତ ପଦାଧିକାରୀଙ୍କ KYC



SHG ତରଫରୁ ଖାତା ଖୋଲିବା ପାଇଁ ପଦାଧିକାରୀଙ୍କ ଅଧିକୃତ କରାଯାଇଥିବା ବୈଠକର ବିବରଣୀ




ଗୋଷ୍ଠୀର ସମସ୍ତ ସଭ୍ୟଙ୍କ KYC

ଆପଣ ଜାଣି ରଖିବା ଉଚିତ, ଯେ SHG ସଞ୍ଚୟ ଖାତା ଖୋଲିବା ପାଇଁ ଗୋଷ୍ଠୀର ସମସ୍ତ ସଦସ୍ୟମାନଙ୍କର KYC ପରୀକ୍ଷଣର ଆବଶ୍ୟକତା ନାହିଁ । କେବଳ ସମସ୍ତ ପଦାଧିକାରୀମାନଙ୍କ KYC ପରୀକ୍ଷଣ ପର୍ଯ୍ୟାପ୍ତ ଅଟେ ।

## ସନ୍ଦେଶ – ୨ :- ମାର୍ଜିନ ଓ ସୁରକ୍ଷା ମାନଦଣ୍ଡ










ଋଣରାଶି = ମୂଳଧନ ରାଶିର ୧ରୁ ୪ ଗୁଣ ଯଦି ଧନରାଶି ୧୦,୦୦୦ ତାହେଲେ ଋଣ ପରିମାଣ ୧୦,୦୦୦ ରୁ ୪୦, ୦୦୦ ଟଙ୍କା ମଧ୍ୟରେ ହୋଇପାରିବ ।

ବ୍ୟାଙ୍କ ଆପଣଙ୍କ SHG ଗୋଷ୍ଠୀର ମୂଳଧନ ଆଧାରରେ ଋଣ ଦେଇ ପାରିବ । ଉଦାହରଣ ସ୍ୱରୁପ ଯଦି ଆପଣଙ୍କ ଗୋଷ୍ଠୀର ମୂଳଧନ ରାଶ ୧୦,୦୦୦ ଟଙ୍କା (ଗୋଷ୍ଠୀ ପାଖରେ ଥିବା ନଗଦ ଟଙ୍କା+ ବ୍ୟାଙ୍କ ସଞ୍ଚୟ ଖାତାରେ ଥିବା ଜମାରାଶି +ସଦସ୍ୟ ମାନଙ୍କୁ ପ୍ରଦତ୍ତ ଅଭ୍ୟନ୍ତରଣୀୟ ଋଣ) ତେବେ ଋଣର ପରିମାଣ ୧୦୦୦ ଟଙ୍କାରୁ ନେଇ ୪୦,୦୦୦ ଟଙ୍କା ମଧ୍ୟରେ ରହିବ ।

**ଋଣ ପ୍ରଦାନ ପାଇଁ SHG ଗୋଷ୍ଠୀମାନଙ୍କୁ କୌଣସି ସହପାର୍ଶ୍ୱିକ ବନ୍ଧକ ନିଆଯିବ ନାହିଁ ।**


ଋଣରାଶି ମୂଳଧନର ୪ ଗୁଣରୁ ଅଧିକ ମଧ୍ୟ ହେବା ସମ୍ଭବ ଯଦି–

- ସ୍ୱୟଂ ସହାୟକ ଗୋଷ୍ଠୀ ଅନେକ ବର୍ଷ ଧରି ସଫଳତା ପୂର୍ବକ କାର୍ଯ୍ୟ କରି ଆସୁଥିବେ ।
- ଆଗରୁ ନେଇଥିବା ଋଣ ଠିକ୍ ଭାବରେ ସମୟାନୁଶାରେ ପୈଠ କରିଥିବେ ।
- ଦାୟିତ୍ୱସମ୍ପନ୍ନ ଭାବରେ ଋଣ ସୁବିଧାରେ ଉପଯୋଗ କରିଥିବେ ।

## ସନ୍ଦେଶ-୩ : ସ୍ୱେଚ୍ଛିକ ସଞ୍ଚୟ

ସାଧାରଣତଃ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ ରୂପେ ଆପଣ SHG ର ସାପ୍ତାହିକ / ପାକ୍ଷିକ / ମାସିକ ବୈଠକରେ ଅନିବାର୍ଯ୍ୟ ସଞ୍ଚୟ ରୂପେ ଏକ ନିର୍ଦ୍ଦିଷ୍ଟ ରାଶି ପ୍ରଦାନ କରିବାକୁ ହେବ । ଆପଣଙ୍କ ନିଜସ୍ୱ ଆୟର କ୍ଷମତା ଓ ସଞ୍ଚୟର କ୍ଷମତା ସମୟାନୁସାରେ ବହୁ ମାତ୍ରାରେ ବୃଦ୍ଧି ହୋଇପାରେ । ଏବଂ ଏହା ଅନ୍ୟ ସଭ୍ୟ / ସଦସ୍ୟଙ୍କ ଠାରୁ ଅଲଗା ହୋଇପାରେ । ଆପଣଙ୍କ ସ୍ୱେଚ୍ଛିକୃତ ଭାବେ, ଅନ୍ୟମାନଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦିଷ୍ଟ ରାଶିଠାରୁ ଅଧିକ ଜମା କରିପାରିବେ ।

ଗୋଷ୍ଠୀର କୌଣସି ବି ସଦସ୍ୟ ଦୁଇ ପ୍ରକାର ସଞ୍ଚୟ କରିବାର ସୁଯୋଗ ପାଇବେ । ଗୋଟିଏ ସମୂହ ବା ଗୋଷ୍ଠୀ ଦ୍ୱାରା ନିର୍ଦ୍ଧାରିତ ରାଶି, ଅନ୍ୟଟି ନିଜର ସ୍ୱେଚ୍ଛିକ ସଞ୍ଚୟ ରାଶି ।



**ବାଧ୍ୟତାମୂଳକ ସଞ୍ଚୟ**
ଏହା ଗୋଷ୍ଠୀ ଦ୍ୱାରା ନିର୍ଦ୍ଧାରିତ ରାଶି

**ସ୍ୱେଚ୍ଛିକ ଯୋଗଦାନ**
ଯଦି ଆୟ ଗୋଷ୍ଠୀର ଅନ୍ୟାନ୍ୟ ସଦସ୍ୟମାନଙ୍କଠାରୁ ଅଧିକ ହୋଇଥିବ ।

୧.ଆପଣ ନିଜର ବଳକା ରାଶି ଏକ ନୂତନ ସଞ୍ଚୟ ଖାତା ଖୋଲି କିମ୍ବା ପୁରୁଣା ସଞ୍ଚୟ ଖାତାକୁ ସଂଚାଳିତ କରି ଜମା କରିପାରିବେ ଯାହା ଆପଣଙ୍କର ଭବିଷ୍ୟତରେ ହେବାକୁ ଥିବା ବିଭିନ୍ନ ପ୍ରକାର ଯୋଜନାମୂଳକ ଖର୍ଚ୍ଚ ପାଇଁ ଉପଯୋଗ କରାଯାଇପାରିବ । ଅନ୍ୟଥା ଆପଣ ନିଜର ଅନିବାର୍ଯ୍ୟ ରାଶି ପ୍ରଦାନ ପରେ ବଳକା ଅଧିକ ରାଶିକୁ ଗୋଷ୍ଠୀ ପାଖରେ ମଧ ଜମା ରଖି ପାରିବେ । ଆପଣଙ୍କୁ ସୁନିଶ୍ଚିତ କରିବାକୁ ହେବ ଯେ SHG ପାଖରେ ଉପଯୁକ୍ତ ହିସାବ ପ୍ରଣାଳୀ ଅଛି, ଯିଏ ଏହାକୁ ପୃଥକ ରୂପେ ସଂଚାଳିତ କରିପାରିବ ।

ସ୍ୱେଚ୍ଛିକ ସଞ୍ଚୟକୁ ଦୁଇ ପ୍ରକାରେ ଗଣନା କରାଯାଇପାରିବ ।

୧) ଏହା ଗୋଷ୍ଠୀ ମୂଳଧନର ମିଶାଯିବ ନାହିଁ ।

୨) ଗୋଷ୍ଠୀ ମୂଳଧନରେ ମିଶିଯିବା ଏବଂ ଅନ୍ତଗୋଷ୍ଠୀ ଋଣ ଦେବା ପାଇଁ ଉପଯୋଗ ହେବ ।

ଦ୍ୱିତୀୟ ବିକଳ୍ପ ସ୍ଥଳରେ ବ୍ୟାଙ୍କ ଦ୍ୱାରା ଗୋଷ୍ଠୀକୁ ପ୍ରଦାନ କରାଯାଉଥିବା ଋଣ ପରିମାଣ ଆକଳନ ପାଇଁ ମଧ ଏହାକୁ ଗଣନା କରାଯିବ । ଯାହା ଆପଣଙ୍କ ଗୋଷ୍ଠୀକୁ ସହାୟତା ଦେଇପାରେ । ଯେହେତୁ ବ୍ୟାଙ୍କ ଦ୍ୱାରା ଗୋଷ୍ଠୀକୁ ପ୍ରଦତ୍ତ ଗ୍ରହଣ ଋଣ ପରିମାଣରେ ବୃଦ୍ଧି ହୋଇପାରେ । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ମିଳିତ ରୂପେ ଏହାର ନିଷ୍ପତ୍ତି ନେବେ ଯେ ଗୋଷ୍ଠୀର ସଦସ୍ୟମାନଙ୍କ ଦ୍ୱାରା ପ୍ରଦତ୍ତ ସ୍ୱେଚ୍ଛାକୃତ ସଞ୍ଚୟ ରାଶି ଉପରେ ସୁଧ ଆୟ କିମ୍ବା ଗୋଷ୍ଠୀ ଲାଭାଂଶର ଆନୁପାତିକ ଅଂଶ ଦିଆଯିବ କି ନାହିଁ ।

## ସନ୍ଦେଶ ୪ :- ଉତ୍ତମ ସିଦ୍ଧାନ୍ତ – ଭାଗ ୧



### ନିୟମିତ ବୈଠକ

ଗୋଷ୍ଠୀର ସଦସ୍ୟଗଣ ବୈଠକର ସମୟ ଅନ୍ତରାଳ ସ୍ଥିର କରିବେ। ଏହି ବୈଠକ ପ୍ରାୟତଃ ସପ୍ତାହିକ ରହିବା ଉଚିତ କିନ୍ତୁ ସଭ୍ୟମାନଙ୍କର ସୁବିଧା ଅନୁସାରେ ପାକ୍ଷିକ କିମ୍ବା ମାସିକ ଆୟୋଜନ କରାଯାଇପାରିବ।

**ନିୟମିତ ବୈଠକ ଓ ନିୟମିତ ଉପସ୍ଥାନ:** ଗୋଷ୍ଠୀର ନିୟମିତ ବୈଠକ ଓ ତହିଁରେ ଗୋଷ୍ଠୀର ସମସ୍ତ ସଭ୍ୟଙ୍କ ଅଂଶଗ୍ରହଣ SHG ପ୍ରଭାବଶାଳୀତାକୁ ଦୃଢ଼ କରେ। ଏଥିପାଇଁ ସ୍ୱୟଂସହାୟକ ଗୋଷ୍ଠୀମାନେ ନିୟମିତ ବୈଠକ ଏବଂ ସେଥିରେ ସମସ୍ତ ସଦସ୍ୟମାନଙ୍କ ଉପସ୍ଥିତି ଉପରେ ବିଶେଷ ଗୁରୁତ୍ୱ ଦେବାକୁ ହେବ। ଏହି ବୈଠକ ପରସ୍ପରକୁ ନିକଟତର କରାଇଥାଏ। ଯାହା ଦ୍ୱାରା ସେମାନେ ନିଜ ନିଜର ସମସ୍ୟାକୁ ଭଲ ଭାବରେ ବୁଝି ପାରିବେ।




### ନିୟମିତ ସଞ୍ଚୟ

ଗୋଷ୍ଠୀର ସଦସ୍ୟମାନେ ସବୁଠାରୁ ଗରିବ ସଦସ୍ୟମାନଙ୍କର କ୍ଷମତା ଅନୁଯାୟୀ ସାପ୍ତାହିକ ବା ନିର୍ଦ୍ଦିଷ୍ଟ ସମୟାନୁଯାୟୀ ସଞ୍ଚୟର ପରିମାଣ ନିର୍ଣ୍ଣୟ କରିବେ। ସଞ୍ଚୟ (ସ୍ୱଳ୍ପ ସଞ୍ଚୟ)ର ଅଭ୍ୟାସ ସ୍ୱୟଂ ସହାୟକ ଗୋଷ୍ଠୀର ମୂଳତତ୍ତ୍ୱ ଅଟେ ଏବଂ ଏହା ଗୋଟେ ଦୃଢ଼ ସାଧାରଣ ପାଣ୍ଠିର ନିର୍ମାଣରେ ସହାୟକ ହୁଏ। (ସୁବିଧା: ଅନୁଶାସିତ ସଞ୍ଚୟ ଆପଣଙ୍କ ଗୋଷ୍ଠୀ ପାଇଁ ଏପରି ଆଧାରଭୂତ ପାଣ୍ଠି ସୃଷ୍ଟି କରିବ ଯାହାଦ୍ୱାରା କୌଣସି ବି ସଦସ୍ୟଙ୍କୁ ନିଜର ଆକସ୍ମିକ ଆବଶ୍ୟକତା ଗୁଡିକୁ ପୂରଣ କରିବା ସକାଶେ ସାହୁକାର ଉପରେ ନିର୍ଭର କରିବାକୁ ପଡିବ ନାହିଁ ।)

ଏହି ପାଣ୍ଠିରୁ ଆନ୍ତରିକ ଋଣ ଦ୍ୱାରା ଏହି ସବୁ ଆବଶ୍ୟକତା ପୂରା କରାଯାଇ ପାରିବ । କ୍ରମ ବର୍ଦ୍ଧିତ ଆଧାରଭୂତ ପାଣ୍ଠି ଗୋଷ୍ଠୀ ପାଇଁ ବ୍ୟାଙ୍କରୁ ଅଧିକ ଋଣ ପ୍ରାପ୍ତ କରିବାକୁ ସକ୍ଷମ କରିବ ।

## ସନ୍ଦେଶ ୫:- SHGରେ ଉତ୍ତମ ସିଦ୍ଧାନ୍ତ - ଭାଗ ୨



### ନିୟମିତ ଆନ୍ତରିକ ଋଣ

ଥରେ ସ୍ୱୟଂସହାୟକ ଗୋଷ୍ଠୀ ଯଦି ସଞ୍ଚୟ ଦ୍ୱାରା ପର୍ଯ୍ୟାପ୍ତ ଧନରାଶି ଜମା କରିନିଏ, ଉଦାହାରଣ ସ୍ୱରପ ୩ରୁ ୬ ମାସ ପର୍ଯ୍ୟନ୍ତ, ତାହାଲେ ସଦସ୍ୟମାନଙ୍କୁ ତାଙ୍କର ସଞ୍ଚୟ ବଦଳରେ ଆକସ୍ମିକ ଖର୍ଚ୍ଚ କିମ୍ୱା ଅତିରିକ୍ତ ଉପାର୍ଜନ ସମ୍ବନ୍ଧୀୟ ସଂସ୍ଥା ପାଇଁ ଋଣ ପ୍ରଦାନ କରାଯାଇପାରିବ।

- ସଦସ୍ୟମାନଙ୍କ ଆବଶ୍ୟକତାର ପ୍ରାଥମିକତା ଆଧାରରେ ଗୋଷ୍ଠୀ ଆନ୍ତରିକ ଋଣ ପ୍ରଦାନ କରିବ।
- ପ୍ରଥମରେ କିଛି ସମୟ ପାଇଁ ଗୋଷ୍ଠୀର ମିଳିତ ଧନରାଶି (ପାଣ୍ଠି)ର ତତ୍ତ୍ୱାବଧାନ କରିବା ଦ୍ୱାରା, ସଦସ୍ୟମାନେ ନା କେବଳ ପାରସ୍ପରିକ ବିତ୍ତୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖିଥାନ୍ତି, ବରଂ ବିତ୍ତୀୟ ପ୍ରବନ୍ଧନ ଏବଂ ମଧ୍ୟସ୍ଥତାରେ ସଦସ୍ୟ ନିଜର ଜ୍ଞାନ ଏବଂ କୌଶଳତାକୁ ବିକଶିତ କରିଥାନ୍ତି।
- ସଦସ୍ୟମାନଙ୍କୁ ଋଣ ପ୍ରଦାନ ପ୍ରକ୍ରିୟା ଗୋଷ୍ଠୀର ସଦସ୍ୟମାନଙ୍କର ଜ୍ଞାନ ମଧ୍ୟ ସୁଧହାର ଏବଂ ଋଣ କିସ୍ତି ନିର୍ଦ୍ଧାରଣ ଓ ଋଣର ପୈଠକ ଇତ୍ୟାଦିରେ ଅଭିବର୍ଦ୍ଧନ ହୁଏ।
- ଋଣର ଉଦ୍ଦେଶ୍ୟ, ପରିମାଣ, ଋଣ ପୈଠ କରିବା ଅନୁସୂଚି ଆଦି ସମ୍ବନ୍ଧରେ ନିର୍ଣ୍ଣୟ ଗୋଷ୍ଠୀ ଦ୍ୱାରା ସ୍ୱୟଂ ନିଆଯିବ।

## ସନ୍ଦେଶ ୫:- SHGeର ଉତ୍ତମ ସିଦ୍ଧାନ୍ତ - ଭାଗ ୨



## ନିୟମିତ ଋଣ ପରିଶୋଧ

ଧାର ଦେବା ଏବଂ କରଜ କରିବା ମୁଖ୍ୟତଃ ଉଧାରକର୍ତ୍ତାର ବିଶ୍ୱସନୀୟତା ଓ ଋଣ ନେବାର ଯୋଗ୍ୟତା ଉପରେ ନିର୍ଭର କରେ । ଉଧାରକର୍ତ୍ତାର କର୍ତ୍ତବ୍ୟ ଏହି ଯେ ସେ ଠିକ୍ ସମୟରେ କିସ୍ତି ଟଙ୍କା ଜମା କରିବ । କିସ୍ତି ଗୁଡିକ ବିଳମ୍ବରେ ଜମା କଲେ ଅଧିକ ସୁଧ ଦେବାକୁ ପଡ଼େ । ତା ସହିତ କ୍ରେଡିଟ୍ ରେକର୍ଡ ମଧ୍ୟ ଖରାପ ହୁଏ ଏବଂ ଏହାର ପରିଣାମ ସଦୃଶ ଭବିଷ୍ୟତରେ ଉଧାର ମିଳିବାରେ ଅସୁବିଧା ହୁଏ ।

## ବ୍ୟକ୍ତିଗତ ସଦସ୍ୟଙ୍କ କ୍ରେଡିଟ୍ ସ୍କୋର

କୌଣସି ବ୍ୟକ୍ତିର ଋଣ ଯୋଗ୍ୟତା ସମ୍ବନ୍ଧରେ ସାଂଖ୍ୟକୀୟ ରୂପରେ ପ୍ରାପ୍ତ ସଂଖ୍ୟାତ୍ମକ ଅଭିବ୍ୟକ୍ତିକୁ କ୍ରେଡିଟ୍ ସ୍କୋର୍ କୁହାଯାଏ । ଯାହାକି CIC (କ୍ରେଡିଟ ଇନଫରମେସନ କମ୍ପାନୀ) ଦ୍ୱାରା ଜାରି କରାଯାଏ ତଥା ବ୍ୟାଙ୍କ ଏହାର ଉପଯୋଗ କରି ଜଣେ ବ୍ୟକ୍ତି ଋଣ ପରିଶୋଧ କରିବ ନା ନାହିଁର ସମ୍ଭାବନା ଆକଳନ କରନ୍ତି । ଅନ୍ୟାନ୍ୟ ସୂଚନା ବ୍ୟତୀତ କୌଣସି ବ୍ୟକ୍ତିର ଅତୀତର କ୍ରେଡିଟ୍ ରେକର୍ଡ ଉପରେ କ୍ରେଡିଟ୍ ସ୍କୋର ଆଧାରିତ ହୋଇଥାଏ । ଏହାର ସଂଖ୍ୟା ୩୦୦ରୁ ୯୦୦ ଭିତରେ ସୀମିତ ରହେ । କ୍ରେଡିଟ୍ ସ୍କୋର ଯେତିକି ଅଧିକ ରହେ, ବ୍ୟକ୍ତିର ଋଣ ପ୍ରଦାନ କ୍ଷମତା ବା ଯୋଗ୍ୟତା ସେତିକି ଅଧିକ ଥାଏ ।



## ଅଭିଲେଖନ

ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ବିତ୍ତୀୟ ଓ ଅଣ ଆର୍ଥିକ ନେଣଦେଣ ପାରଦର୍ଶୀ ହେବା ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ସମସ୍ତ ସଦସ୍ୟମାନଙ୍କ ମଧ୍ୟରେ ଭରସା, ପାରସ୍ପରିକ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରାଇଥାଏ । ଖାତା ପତ୍ର ସହିତ ଅନ୍ୟାନ୍ୟ କାଗଜପତ୍ର ଯଥା – ସଦସ୍ୟତା ରେଜିଷ୍ଟର, ବୈଠକର କାର୍ଯ୍ୟବୃତ୍ତ ରେଜିଷ୍ଟର, ଉପସ୍ଥାନ ରେଜିଷ୍ଟର, କ୍ୟାସ୍ ବୁକ୍ ଇତ୍ୟାଦି ସର୍ବଦା ନିୟମିତ ଏଣ୍ଟ୍ରି ସହିତ ଅପଡେଟ ରଖିବାକୁ ପଡ଼ିବ। ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ନେଣଦେଣ ରେକର୍ଡ, ସଦସ୍ୟ ଅନୁଯାୟୀ ସଞ୍ଚୟ ସହିତ, ସ୍ୱେଚ୍ଛିକ ସଞ୍ଚୟ ଏବଂ ଆନ୍ତରିକ ଋଣ ରେକର୍ଡ କରାଯିବା ଉଚିତ ଏବଂ ଏହାର ସୂଚନା ନିୟମିତ ରୂପରେ ସଦସ୍ୟମାନଙ୍କୁ ପ୍ରଦାନ କରାଯିବା ଦରକାର। ଯାହାଫଳରେ ସେମାନେ ସମସ୍ତ ବିଷୟ ବୁଝିପାରିବେ ।

**ସୁବିଧା:**

୧. ଗୋଷ୍ଠୀ ଦ୍ୱାରା ନିଆଯାଉଥିବା ସିଦ୍ଧାନ୍ତକୁ ସମୟ ସମୟରେ ସମସ୍ତ ସଦସ୍ୟଙ୍କୁ ସୂଚିତ କଲେ ଭବିଷ୍ୟତରେ ଠିକ୍ ନିର୍ଣ୍ଣୟ ନେବାରେ ସହାୟକ ହେବ ।

୨. ଅଭିଲେଖନ ଦ୍ୱାରା ଗୋଷ୍ଠୀର ଆର୍ଥିକ ସ୍ଥିତି ଆକଳନ, ସଞ୍ଚୟ, ଋଣ, ଉପସ୍ଥିତି, ଗୋଷ୍ଠୀର ପାଣ୍ଠି, ଋଣ ପରିଶୋଧ ପ୍ରତିଶତର ଆକଳନ ସୁବିଧା ହୁଏ ।

୩. ଏହା ସଦସ୍ୟମାନଙ୍କ ମଧ୍ୟରେ ଏକତା ଓ ଆତ୍ମବିଶ୍ୱାସ ବଢାଇବାରେ ସହାୟକ ହୁଏ ।

୪. ଏହା ଗୋଷ୍ଠୀର ଋଣ ଯୋଗ୍ୟତା ବୃଦ୍ଧିକରି ସଂସ୍ଥାଗତ ବିକାଶର ଅଭିବୃଦ୍ଧି କରେ ।

୫. ଏହା ଗୋଷ୍ଠୀକୁ ତାହାର ପ୍ରଦର୍ଶନ ସମ୍ପର୍କରେ ତତ୍ତ୍ୱାବଧାନ କରିବାରେ ସହାୟକ ହୁଏ ।

୬. ଉତ୍ତମ ଅଭିଲେଖନର ବ୍ୟବସ୍ଥା ବାହ୍ୟ ସଂସାଧନ, ବ୍ୟାଙ୍କ ଓ ଅନ୍ୟାନ୍ୟ ଏଜେନ୍ସିରୁ ଋଣ ପ୍ରାପ୍ତ ପାଇଁ ଆକର୍ଷିତ କରେ ।

୭. ଉତ୍ତମ ଅଭିଲେଖନ ବ୍ୟବସ୍ଥା ସଦସ୍ୟମାନଙ୍କ ମଧ୍ୟରେ ବିତ୍ତୀୟ ପାରଦର୍ଶିତାକୁ ଉତ୍ସାହିତ କରେ, ଯାହାକି ଗୋଷ୍ଠୀକୁ ସୁଦୃଢ ଓ ସ୍ଥିର କରିବାରେ ସହାୟକ ହୁଏ ।

୮. ଏହା ସାର୍ବଜନୀନ ସଂସ୍ଥାମାନଙ୍କ ଦୃଷ୍ଟିରେ ଗୋଷ୍ଠୀକୁ ମାନ୍ୟତା ପ୍ରଦାନ କରେ ।

୯. ଉତ୍ତମ ଅଭିଲେଖନ ଗୋଷ୍ଠୀର ପ୍ରଦର୍ଶନ ସମ୍ବନ୍ଧୀ ରେଟିଂକୁ ବଢାଇବାରେ ସହାୟକ ହୁଏ ।

# ଲକ୍ଷ୍ୟବିଶିଷ୍ଟ ଆର୍ଥିକ ସକ୍ଷରତା ସାମଗ୍ରୀ

ଭାରତୀୟ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ଶ୍ରୀ ଦୀପକ ମହାନ୍ତିଙ୍କ ଅଧକ୍ଷତାରେ ଗଠିତ କମିଟିର ଏକ ସୁପାରିସରେ ବିତ୍ତ ସମାବେଶନ ଉପରେ ମଧ୍ୟାବଧି ପଥ ସମ୍ବନ୍ଧୀୟ ସମିତିର ଏକ ସୁପାରିସ ଗୁଡ଼ିକରେ ଏହା ଉପଲବ୍ଧ ଯେ, ଆର୍ଥିକ ଶିକ୍ଷା ସକାଶେ 'ସଭିଙ୍କ ପାଇଁ ଏକ ପ୍ରକାର ଶିକ୍ଷା' ବିଶିଷ୍ଟ ଦୃଷ୍ଟି କୋଣ ହୁଏତ ଉଚିତ୍ ହେବ ନାହିଁ । କାରଣ ବିଭିନ୍ନ ଲକ୍ଷ୍ୟ ସମୂହର ବିଭିନ୍ନ ପ୍ରକାରର ଆର୍ଥିକ ଶିକ୍ଷାର ଆବଶ୍ୟକତା ରହେ । ପରିଣାମ ସ୍ୱରୂପ, ସାକ୍ଷରତା ସାମଗ୍ରୀକୁ ବିଭିନ୍ନ ଲକ୍ଷ୍ୟ ସମୂହ ପାଇଁ ଅନୁକୂଳ କରିବା ଆବଶ୍ୟକତା ରହିଛି ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଆର୍ଥିକ ଅର୍ନ୍ତଭୁକ୍ତି  କରଣ ଓ ବିକାଶ ବିଭାଗ ୫ଟି ଅଲଗା ଅଲଗା ଗୋଷ୍ଠୀ ଯଥା- ଚାଷୀ, ଲଘୁ-ଉଦ୍ୟୋଗୀ, ସ୍କୁଲ୍ ଛାତ୍ରଛାତ୍ରୀ, ସ୍ୱୟଂସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ଓ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଅନୁକୂଳ ଆର୍ଥିକ ସାକ୍ଷରତା ସାମଗ୍ରୀ ଶୃଙ୍ଖଳାରେ ୫ଟି ପୁସ୍ତିକା ପ୍ରସ୍ତୁତ କରିଛି । ଏହି ଆନୁକୂଳିତ ପୁସ୍ତକ ସେଥିମଧ୍ୟରୁ ଗୋଟିଏ ।

**ସତ୍ତ୍ୱ ପ୍ରତ୍ୟାଖ୍ୟାନ**

ଏହି ପୁସ୍ତକଟି ସାଧାରଣ ନାଗରିକଙ୍କୁ ସୂଚନା ପ୍ରଦାନ ଓ ମାର୍ଗ ଦର୍ଶନ ନିମିତ୍ତ ଭାରତୀୟ ରିଜର୍ଭ ବ୍ୟାଙ୍କର ଆର୍ଥିକ ଶିକ୍ଷା ପ୍ରାବଧାନ ଉଦ୍ଦିଷ୍ଟ । ଏହାର ଉଦ୍ଦେଶ୍ୟ କୌଣସି ବି ଆର୍ଥିକ ଉତ୍ପାଦ / ଉତ୍ପାଦ ଗୁଡ଼ିକ ବା ସେବା ସମ୍ବନ୍ଧୀୟ ନିର୍ଣ୍ଣୟ ନେବା ପାଇଁ ପାଠକଙ୍କୁ କହିବା ନୁହେଁ ।

**କପିରାଇଟ୍**

ପ୍ରଥମ ପ୍ରକାଶ - ଅପ୍ରେଲ୍ ୨୦୧୮

ଏହି ସାମଗ୍ରୀକୁ ପୁନଃ ପ୍ରସ୍ତୁତ କରିବା ପାଇଁ ଅନୁମତି ରହିଛି । କିନ୍ତୁ ସାମଗ୍ରୀ ସ୍ରୋତର ଅଭିସ୍ୱୀକୃତି ଆବଶ୍ୟକ ।

**ରଚନା ଓ ପ୍ରକାଶନ**

ଆର୍ଥିକ ଅର୍ନ୍ତଭୁକ୍ତି କରଣ ଓ ବିକାଶ ବିଭାଗ

ଭାରତୀୟ ରିଜର୍ଭ ବ୍ୟାଙ୍କ୍

୧୦ମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ

ସହିଦ୍ ଭଗତ୍ ସିଂହ ମାର୍ଗ,

ଫୋର୍ଟ

ମୁମ୍ବାଇ - ୪୦୦୦୦୧, ଭାରତ

**ସ୍ୱୀକାର**

ଡିଜାଇନ୍- କୌଶିକ୍ ରାମଚନ୍ଦ୍ରନ୍

## ଆର୍ଥିକ ଅର୍ନ୍ତଭୁକ୍ତି କରଣ ଓ ବିକାଶ ବିଭାଗ

ଭାରତୀୟ ରିଜର୍ଭ ବ୍ୟାଙ୍କ୍

୧୦ମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ

ଫୋର୍ଟ, ମୁମ୍ବାଇ - ୪୦୦୦୦୧, ଭାରତ